ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ୩୧ ମେ',୨୦୨୫, ଶନିବାର

ଅଞ୍ଚଳର ବିଭିନ୍ନ ରାସ୍ତାରେ ଜମୁଛି ପାଣି : ଲୋକେ ହନ୍ତସନ୍ତ

ମାହାଙ୍ଗା,୩୦।୫ଏକ୍ସପ୍ରେସ୍ ନ୍ୟୁଜ୍

ଆଗକୁ ଆସୁଛି ବର୍ଷା ଋତୁ । କିନ୍ତୁ ଏବେ ମାହାଙ୍ଗା ଅଂଚଳର ବିଭନ୍ନ ଗାଁ ଗହଳି ଠାରୁ ଆରମ୍ଭ କରି ଛକ ବଜାର ,ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତରାସ୍ତାର ବିଭିନ୍ନ ସ୍ଥାନରେ ପାଣି ଜମି ରହୁଥିବା ଦେଖିବାକୁ ମିଳିଛି । ଯାହା ଫଳରେ ଜନସାଧାରଣମାନେ ଯାତାୟତରେ ନାନା ଅସୁବିଧାର ସମ୍ମୁଖୀନ ହେବା ସହ ଦୁର୍ଘଟଣା ଘଟୁଥିବା ନଜିର ରହିଛି । ବିଶେଷ କରି ମାହାଙ୍ଗା ବ୍ଲକ ନିକଟ ଜଳେଶ୍ୱରପୁର ପରିଡାପାଟଣା ସାହୁ ସାହି ଠାରୁ ବାରିକ ସାହି ରାସ୍ତା,ବାସୁଦେବପୁର ପଂଚାୟତ ବାଣପୁର ଗ୍ରାମର ୧୫ ନଂ ୱାର୍ଡ ରାଉତସାହି ନିକଟ,କୁଣ୍ଡି ପଂଚାୟତ ନନ୍ଦକିଶୋରପୁର ଜୟପୁର ବେନୁପୁରା ଗ୍ରାମ ଉନ୍ନୟନ ରାସ୍ତାର ହରିଜନ ସାହି,ଜଗନ୍ନାଥପୁର ୧୧ ନଂ ୱାର୍ଡ ମୁସଲମାନ ସାହି ,ଆଚାର୍ଯ୍ୟ

ପ୍ୟାରୀମୋହନ ବିଦ୍ୟାଳୟ ସମ୍ମୁଖ ରାସ୍ତା ସମେତ ବହୁ ସ୍ଥାନରେ ପାଣି ଜମୁଥିବା ଦେଖୁବାକୁ ମିଳିଛି । ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାମାନଙ୍କରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହୁଛି । ଉକ୍ତ ଜାଗାଟି ଖାଲୁଆ ହୋଇଥିବାରୁ ପାଣି ଜମି ରହିବା ଫଳରେ ଅଳିଆ ଆବର୍ଜନା ପଡି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ଏଥିସହ ଏହି ପାଣି ଦ୍ୱାରା ବିଭିନ୍ନ ପ୍ରକାର ଚର୍ମରୋଗ ହେବା ସହ ମଶା ମାନଙ୍କ ପେଣ୍ଠସ୍ଥଳୀ ପାଲଟିଛି । ଏହି ସ୍ଥାନଟିରେ ଖାଲ ଖମା ରହିବା ଏବଂ ପାଣି ଜମି ଜମି ରହିବା ଦ୍ୱାରା ପଥଚାରୀମାନେ ଜାଣି ନ ପାରି ଅନେକ ସମୟରେ ଦୁର୍ଘଟଣାର ଶିକାର ହୋଇଥାନ୍ତି । ଏହି ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ବିଭାଗ ପକ୍ଷରୁ ଡ୍ରେନେଜର ବ୍ୟବସ୍ଥା କରାଯାଇ ଜଳ ନିଷ୍କାସନ କରିବାକୁ ଅଂଚଳବାସୀ ଦାବୀ କରିଛନ୍ତି ।

ଲକ୍ଷପତି ଦିଦି ସୃଷ୍ଟିରେ ଜଗତସିଂହପୁର ଜିଲ୍ଲା ଦ୍ୱିତୀୟ

ଜଗତସିଂହପୁର,୩୦।୫ ଏକ୍ସପ୍ରେସ୍ ନ୍ୟୁଜ୍

ସଶକ୍ତ ମହିଳା, ବିକଶିତ ଓଡ଼ିଶା ଆଧାର ରେ ମହିଳା ମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ଭାରତ ସରକାର ତଥା ଓଡ଼ିଶା ସରକାର ଙ୍କ ଦାରା ଆଗତ ଲକ୍ଷପତି ଦିଦି ଯୋଜନା ରେ ସାରା ରାଜ୍ୟ ରେ ଜଗତସିଂହପୁର ଜିଲ୍ଲା ଦିତୀୟ ସ୍ଥାନ ଅଧିକାର କରିଛି। ଆଜି ପୂର୍ବାହ୍ନ ରେ ମିଶନ ଶକ୍ତି ବିଭାଗ ଦ୍ୱାରା ଲୋକସେବା ଭବନ ରେ ଆୟୋଜିତ ଲକ୍ଷପତି ଦିଦି ସମ୍ମିଳନୀ ୨୦୨୫ ରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉପସ୍ଥିତି ରେ ଜଗତସିଂହପୁର ଜିଲ୍ଲା କୁ ସମ୍ମାନିତ କରିଛନ୍ତି। ପ୍ରକାଶ ଥାଉ କି, ଜିଲ୍ଲାପାଳ ଜେ ସୋନାଲ ଙ୍କ ପ୍ରତ୍ୟକ୍ଷ ତତ୍ତାବଧାନ ଏବଂ ନିୟମିତ ତଦାରଖ ରେ ରେ ଜିଲ୍ଲା ୮୦୨୧୪ ଜଣ ଲକ୍ଷପତି ଦିଦି ସୃଷ୍ଟି କରି ୯୭% ଲକ୍ଷ୍ୟ ହାସଲ ସହ ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଥିବା ରୁ ଏହି ପୁରସ୍କାର ପ୍ରାପ୍ତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏଥି ସହିତ ଡି ପି ଏମ ଓ ଏଲଏମ ସୌମ୍ୟ ରଞ୍ଜନ ବିଶ୍ୱାଳ,ଡି ପି ସି ମିଶନ ଶକ୍ତି ମୋନାଲିସା ଭଞ୍ଜ ମଧ୍ୟ ଏହି ଗୌରବମୟ ସମୟରେ ଉପସ୍ଥିତ ଥିଲେ। ଏହି ସଫଳତା ଯୋଗୁଁ ରାଜ୍ୟରେ ଜଗତସିଂହପୁର ଜିଲ୍ଲା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଅଛି । ଆଗାମୀ ଦିନରେ ଅଧିକରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଅଛି ।

ବିକଶିତ କୃଷି ସଂକଳ୍ପ ଅଭିଯାନ

ଜଗତସିଂହପୁର,୩୦।୫ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରୀୟ କୃଷି, କିସାନ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ମାନ୍ୟବର ଶ୍ରୀ ଶିବରାଜ ସିଂହ ଚୌହାନଙ୍କ ଆହ୍ୱାନରେ (୨୯ ମଇ) ଠାରୁ ଦେଶବ୍ୟାପୀ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହେଉଛି । ଏହି ଅଭିଯାନ ୧୨ ଜୁନ ପର୍ଯ୍ୟନ୍ତ ଚାଲିବ ଏବଂ ଏଥିରେ କେନ୍ଦ୍ରୀୟ କୃଷି ମନ୍ତ୍ରାଳୟ, ରାଜ୍ୟ କୃଷି ବିଭାଗ ଏବଂ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିବେ । ଏହି ଅଭିଯାନ ଅଧୀନରେ ସାରା ଭାରତର ୭୦୦ରୁ ଅଧିକ ଜିଲ୍ଲାରେ ପ୍ରାୟ ୨୦୦୦ ବୈଜ୍ଞାନିକ ଦଳ ଯୋଗଦେବେ ଏବଂ ଆନୁମାନିକ ୧.୫ କୋଟି କୃଷକଙ୍କ ସହିତ ସିଧା ସମ୍ପର୍କ ସ୍ଥାପନ କରାଯିବ । ଏଥିରେ ନୂତନ କୃଷି ପ୍ରଯୁକ୍ତି, ସରକାରୀ ଯୋଜନା ଏବଂ ଉନ୍ନତ ବୀଜ ଓ ରୋଗ ପ୍ରତିରୋଧ ବିଷୟରେ ଚାଷୀମାନଙ୍କୁ ସୂଚନା ଦିଆଯିବ । ପରିଶେଷରେ, କୃଷକମାନଙ୍କ ପ୍ରତିକ୍ରିୟା ଏବଂ ସେମାନଙ୍କ ସମସ୍ୟାଗୁଡ଼ିକୁ ଲିପିବଦ୍ଧ କରାଯିବ ପ୍ରତ୍ୟେକ ଦଳ ଦିନକୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ୨ଟି କାର୍ଯ୍ୟକ୍ରମ ଆୟୋଜନ କରିବେ ଏବଂ ୧୨ ଜୁନ ପର୍ଯ୍ୟନ୍ତ ୮ଟି ବ୍ଲକର ୧୫,୦୦୦ ଚାଷୀଙ୍କ ସହିତ ସଂପର୍କ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଅଭିଯାନ ମାଧ୍ୟମରେ ନୂତନ କୃଷି ପ୍ରଯୁକ୍ତି, ସରକାରୀ ଯୋଜନା ଓ କୃଷି ସମ୍ବନ୍ଧୀୟ ସୂଚନା ଚାଷୀଙ୍କୁ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ସମବାୟ ଉତ୍ସବ

ଢେଙ୍କାନାଳ,୩୦।୫ଏକ୍ସପ୍ରେସ୍ ନ୍ୟୁଜ୍

ଆନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ପାଳନ ଉପଲକ୍ଷେ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍ ଠାରେ ଢ଼େଙ୍କାନାଳ ଜିଲ୍ଲା ସ୍ତରୀୟ ସମବାୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ, ସମସ୍ତଙ୍କ ସହଯୋଗରେ ସମବାୟ ଆନ୍ଦୋଳନ ସଫଳ ହୋଇପାରିଛି ଏବଂ ଆମେ କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇ ପାରିଛେ ବୋଲି ମତବ୍ୟକ୍ତ କରିଥିଲେ । ସମବାୟ ସମିତିର ପ୍ରତ୍ୟେକ କାର୍ଯ୍ୟକ୍ରମ ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଂଚିଲେ କୃଷି ଓ ପଶୁପାଳନ ବ୍ୟାପକ ହୋଇପାରିବ ଓ ସମସ୍ତେ ପ୍ରକୃତ ସୁଫଳ ପାଇପାରିବେ ବୋଲି ସେ ପ୍ରକାଶ କରିଥିଲେ । ସମବାୟ ସମିତି ସହଯୋଗରେ ସରକାରଙ୍କ ବିଭନ୍ନ କାର୍ଯ୍ୟକ୍ରମ ଓ ଯୋଜନା ସଂପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ, ଜିଲ୍ଲା ମୁଖ୍ୟ ପଶୁସମ୍ପଦ ଅଧିକାରୀ, ଅନୁଗୁଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସନ୍ତୋଷ ପ୍ରଧାନ ପ୍ରମୁଖ ସମବାୟ ସମିତି ମାଧ୍ୟମରେ କରାଯାଉଥିବା ବିଭିନ୍ନ କୃଷି ଯୋଜନାର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥିତ ସମବାୟ ସମିତିର ସଭାପତି, ସଂପାଦକ ଓ ଅଗ୍ରଣୀ ଚାଷୀ ଭାଇ-ଭଉଣୀମାନଙ୍କୁ ଅବଗତ କରାଇଥିଲେ ।

ତୈଳିକ ବୈଶ୍ୟ ସାମାଜ ପତ୍ରାପାଲି କେନ୍ଦ୍ରର ସାଧାରଣ ବୈଠକ

କୁଚିଣ୍ଡା,୩୦।୫ଏକ୍ସପ୍ରେସ୍ ନ୍ୟୁଜ୍

ଅଖିଳ ଭାରତୀୟ ତୈଳିକ ବୈଶ୍ୟ ସାମାଜ ପତ୍ରାପାଲି କେନ୍ଦ୍ର, କୁଚିଣ୍ଡା,ର ଏକ ସାଧାରଣ ବୈଠକ ଗ୍ରାମର ଗୌନ୍ତିଆ ତଥା ପ୍ରଥମ ମହାସଭାର କାର୍ଯ୍ୟକାରୀ ସଭାପତି ସୁନ୍ଦର ଲାଲ ପୃଷ୍ଠେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସାମାଜ ଇତମା କେନ୍ଦ୍ର ତଥା ବାମଣ୍ଡା, ଜୟପୁର, ଗାଙ୍ଗପୁର, ବଣେଇ ର ସମସ୍ତ ଉପକେନ୍ଦ୍ର ଓ ସମସ୍ତ ଗ୍ରୁପ ମାନଙ୍କୁ ନିମନ୍ତ୍ରଣ କରି ବହୁ ଆଡ଼ମ୍ବର ସହକାରେ ଚଳିତ ବର୍ଷ ଜୁନ ୧୪ ତାରିଖ ଦିନ ପ୍ରଥମ ମହାସଭା ପାଳନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଓଡିଶାର ବିଭିନ୍ନ ଜିଲ୍ଲାରେ ଥିବା ତୈଳିକ ବୈଶ୍ୟ ସାମାଜର ପ୍ରମୁଖ ନେତୃବୃନ୍ଦ ମାନଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରି ତାଙ୍କ ସଫଳତାର କଥା ଶୁଣିବା ପାଇଁ ପୂର୍ବତନ ସଭାପତି ଲଲିତ ପୃଷ୍ଠେଠ ପ୍ରସ୍ତାବ ଦେଇଥିଲେ। ଦୟା ସାଗର ପୃଷ୍ଠେଠ, ହେମନ୍ତ ପୃଷ୍ଠେଠ, ରୁଦ୍ର ଚରଣ ବେହେରା, ଚତୁର୍ଭୁଜ ସାହୁ, ନୃପଲାଲ ପୃଷ୍ଠେଠ, ବିଶନାଥ ସାହୁ, କୁଳମଣି ପୃଷ୍ଠେଠ, ଗୁରୁ ପୃଷ୍ଠେଠ, ସନ୍ତୋଷ ପୃଷ୍ଠେଠ, ବସନ୍ତ ପୃଷ୍ଠେଠ, ତରୁଣ ପୃଷ୍ଠେଠ, ଶିବ ନାରାୟଣ ପୃଷ୍ଠେଠ, ବୁଦ୍ଧୁରାମ ବେହେରା, ଘନ ସାହୁ, ଅଜୟ ସାହୁ, କୁମୁଦ ସାହୁ, କୃଷ୍ଣ ପୃଷ୍ଠେଠ ପ୍ରମୁଖ ସହମତି ପ୍ରଦାନ କରି ଥିଲେ । କେନ୍ଦ୍ର ସଭାପତି ଯଦୁମଣି ପୃଷ୍ଠେଠ, ମହା ସଭାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ ।

ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି

ଖଣ୍ଡପଡ଼ା,୩୦।୫ଏକ୍ସପ୍ରେସ୍ ନ୍ୟୁଜ୍

ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ବେଣାଗାଡ଼ିଆ ଗ୍ରାମରେ ଥିବା ସୁଭଦ୍ରାଙ୍କ ଦାରୁ ସ୍ଥଳରେ ୧୦ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥଙ୍କ ଆଦିପୀଠ କଂଟିଲୋସ୍ଥ ଶ୍ରୀ ନୀଳମାଧବ ମନ୍ଦିରର ପାର୍ଶ୍ୱଦେବତା ଭାବେ ଅଧିଷ୍ଠିତ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଗତ ୨୦୧୫ରେ ଅନୁଷ୍ଠିତ ନବକଳେବରରେ ବେଣାଗାଡ଼ିଆ ଗ୍ରାମର ଚେରେଇମୂଳ ଠାରେ ଥିବା ନିମ୍ବବୃକ୍ଷକୁ ମା' ସୁଭଦ୍ରାଙ୍କ ଦାରୁଭାବେ ଚୟନ କରାଯାଇ ଆବଶ୍ୟକ ପୂଜାର୍ଚ୍ଚନା ପରେ ସଂଗ୍ରହ କରାଯାଇ ମୂର୍ତ୍ତି ଗଠନ କରାଯାଇଥିଲା। ସେହି ବର୍ଷ ଠାରୁ ଅଦ୍ୟାବଧି ଦାରୁ ସ୍ଥଳରେ ପ୍ରତ୍ୟେକ ବର୍ଷ ସ୍ଥାନୀୟ ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ୧୦ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ବୁଧବାର ଏଥିପାଇଁ ସୂର୍ଯ୍ୟପୂଜା, ଗୋପୂଜା ଆଦି କରାଯାଇ ବେଣାଗାଡ଼ିଆ ଗ୍ରାମଉପକଣ୍ଠରେ ପ୍ରବାହିତ କୁଆଁରିଆ ନଦୀ ତୁଠରୁ ପୂଜାର୍ଚ୍ଚନା କରାଯାଇ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବାସହ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ବିଧାୟକ ସସ୍ତ୍ରୀକ ଯୋଗଦେଇଥିଲେ। ଗୁରୁବାର ସନ୍ଧ୍ୟାରେ ଏହି ଯଜ୍ଞର ପୂର୍ଣ୍ଣାହୁତୀ ପ୍ରଦାନ କରାଯାଇଥିଲା। ଯଜ୍ଞକାର୍ଯ୍ୟରେ ବେଣାଗାଡ଼ିଆ ଗ୍ରାମସହ ଆଖପାଖରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିବା ଜଣାଯାଇଛି।

MCL
ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
କାର୍ଯ୍ୟାଳୟ ବିହାର, ବୁର୍ଲା- ୭୬୮୦୧୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"

R-5257

ଅଜଣାବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଠାବ

ଢେଙ୍କାନାଳ,୩୦।୫ ଏକ୍ସପ୍ରେସ୍ ନ୍ୟୁଜ୍

ଢେଙ୍କାନାଳ ସଦର ଥାନା ଭାଲିଆବୋଲ କାବେଣୀ ଗ୍ରାମପଂଚାୟତ ଲମ୍ବୋଦରପୁର ଗ୍ରାମ ନିକଟ ଶ୍ମଶାନରେ ଏକ ଗଛରେ ଜଣେ ଅଜଣା ଲୋକର ଝୁଲନ୍ତା ମୃତଦେହ ଠାବ କରାଯାଇଛି । ଯୁବକ ଜଣଙ୍କର ପରିଚୟ ମିଳିପାରିନାହିଁ। ଝୁଲନ୍ତା ଅବସ୍ଥାରେ ଗଛରେ ଝୁଲି ରହିଥିବା ଗ୍ରାମବାସୀମାନେ ଦେଖିବା ପରେ ୧୧ ଟା ବେଳେ ଏହି ବିଷୟରେ ସୂଚନା ଦେଇଛନ୍ତି । ଅଂଚଳର ଏହି ଯୁବକ ଜଣକକୁ କେହି ଚିହ୍ନି ପାରୁ ନାହାଁନ୍ତି ଏବଂ ମୃତ୍ୟୁ ହୋଇଥିବାର କାରଣ ମଧ୍ୟ ସ୍ପଷ୍ଟହୋଇ ନାହିଁ । ହେଲେ ଝୁଲନ୍ତା ଅବସ୍ଥାରେ ମୃତ ଦେହଟି ଗଛରେ ଓହଳି ରହିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା ।

ପତ୍ନୀହନ୍ତା ସ୍ୱାମୀକୁ ଆଜୀବନ କାରାଦଣ୍ଡ

ଖୋର୍ଦ୍ଧା,୩୦।୫ ଏକ୍ସପ୍ରେସ୍ ନ୍ୟୁଜ୍

ପତ୍ନୀହନ୍ତା ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ। ଏହି ମାମଲାର ବିଚାର କରି ଖୋର୍ଦ୍ଧା ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ(ଏଡିଜେ-୧) ରଞ୍ଜୁଲତା ଲେଙ୍କାଙ୍କ ଅଭିଯୁକ୍ତ ସ୍ୱାମୀ ଦୀପ୍ତିମାନ ସାହୁଙ୍କୁ ଦଫା ୩୦୨ରେ ଆଜୀବନ କାରାଦଣ୍ଡ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜରିମନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ଛ'ମାସ ଜେଲ ଦଣ୍ଡାଦେଶ ଭୋଗିବେ।

ସୂଚନାଯୋଗ୍ୟ, ନୟାଗଡ ଜିଲା ବାଣିଗୋଛା ଥାନା ବାଲିଆପଦର ଗ୍ରାମର ଦୀପ୍ତିମାନ ୨୦୨୦ ଜାନୁଆରୀ ୧୯ତାରିଖରେ ସ୍ତ୍ରୀ ରୁନିତାଙ୍କୁ ଜଙ୍କିଆ ଥାନା ଅନ୍ତର୍ଗତ କାୟା କାଲୁ ଜଙ୍ଗଲରେ ତଣ୍ଟିଚିପି ହତ୍ୟା କରି ଫେରାର ହୋଇଯାଇଥିଲେ। ମୃତକଙ୍କ ଭାଇ ବିକାଶ ସାହୁ ଜଙ୍କିଆ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ହତ୍ୟା ମାମଲା(ନଂ ୨୪।୨୦)ରୁଜୁ କରି ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ।

ଶୁକ୍ରବାର ଏହି ମାମଲାର ବିଚାର କରି ଏଡିଜେ ପ୍ରଥମ ୨୫ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟେର ରଜନୀ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

ସାକ୍ଷୀଗୋପାଳରୁ ଆରମ୍ଭ ହେଲା ବିକଶିତ କୃଷି ସଂକଳ୍ପ ଅଭିଯାନ

ଓଡ଼ିଶା ଭାରତ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି : କେନ୍ଦ୍ର କୃଷିମନ୍ତ୍ରୀ

ସାକ୍ଷୀଗୋପାଳ,୩୦।୫ ଏକ୍ସପ୍ରେସ୍ ନ୍ୟୁଜ୍

ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ଆଜି ପୁରୀର ସାକ୍ଷୀଗୋପାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର କୃଷିମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚୌହାନ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଏହି ଜାତୀୟ କାର୍ଯ୍ୟକ୍ରମକୁ ଏକ ପେଡ ମା କେ ନାମ ଅଭିଯାନ ଆଧାରରେ ଗଛ ଲଗାଇ ଉଦ୍ଘାଟନ କରିଥିଲେ ।ସୂଚନା ଯୋଗ୍ୟ ଯେ, ଆଗାମୀ ୧୫ ଦିନ ଧରି ଚାଲୁ ରହିବାକୁ ଥିବା ଏହି ଅଭିଯାନ ରେ ପ୍ରାୟ ୧.୫ କୋଟି ଚାଷୀଙ୍କ ସହିତ ସରକାର ସିଧାସଳଖ ସାକ୍ଷାତକାର କରି ସେମାନଙ୍କୁ ନୂତନ କୃଷି ଜ୍ଞାନ କୌଶଳ ଓ ପ୍ରଯୁକ୍ତିବିଦ୍ୟା ବିଷୟରେ ଅବଗତ କରାଇବେ।ଏହି ଅବସରରେ ଜନସାଧାରଣଙ୍କୁ ଉଦ୍ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ

କହିଥିଲେ ଯେ, କୃଷକମାନଙ୍କ ମଧ୍ୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ବିହନ କିସମ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ, ଆଜିଠାରୁ ୧୨ ଜୁନ ପର୍ଯ୍ୟନ୍ତ ଦେଶବ୍ୟାପୀ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଭାରତ ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ଅଭିଯାନ ମାଧ୍ୟମରେ ଦେଶର ୭୦୦ ଜିଲ୍ଲାର ପ୍ରାୟ ୧ କୋଟି ୫୦ ଲକ୍ଷ ଚାଷୀଙ୍କ ନିକଟରେ ସରକାର ପହଞ୍ଚିବ ଏବଂ ନୂତନ କୃଷି ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ବିଷୟରେ ସେମାନଙ୍କୁ ଅବଗତ କରାଇବା।ପ୍ରତ୍ୟେକ ଜିଲ୍ଲା ସ୍ତରରେ ତିନୋଟି ଦଳ ଗଠନ କରାଯାଇ କୃଷି, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ସମ୍ବନ୍ଧୀୟ ବିଷୟ ବସ୍ତୁ ଗୁଡ଼ିକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ବିଭାଗୀୟ ଅଧିକାରୀମାନେ ମିଳିତ ଭାବରେ ଗ୍ରାମୀଣ କୃଷକମାନଙ୍କୁ ଏ ବିଷୟରେ ବୁଝାଇବେ। ପ୍ରତ୍ୟେକ ଦଳ, ଦୈନିକ ଦୁଇଟି ଗାଁ ଗସ୍ତ କରି ପ୍ରତ୍ୟେକ ଗାଁ'ରେ ୨୫୦ ଜଣ ଚାଷୀଙ୍କୁ ଭେଟି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୃଷକ କଲ୍ୟାଣ ଯୋଜନା ଗୁଡ଼ିକୁ ବୁଝାଇବା ସହ ବିଭିନ୍ନ କାର୍ଯ୍ୟକ୍ରମ, ପଦକ୍ଷେପ ଏବଂ ନୂତନ ଜ୍ଞାନ କୌଶଳର ପ୍ରୟୋଗାତ୍ମକ ଦିଗ